# INTEGRATED TRIBAL DEVELOPMENT AGENCY: BARIPADA

## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା : ବାରିପଦା

(Phone / Fax No. (06792)-260250, email – itdabpd@nic.in & itdabaripada@rediffmail.com )

ବିଜ୍ଞାପନ ସଂଖ୍ୟା 3631 ତାରିଖ 17/10/2024

## ବିଜ୍ଞାପନ

ଏତଦ୍ଵାରା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବାରିପଦା ଅଧିନରେ ଥିବା ତକତପୁର ଠାରେ ପ୍ରତିଷ୍ଠିତ ଏକ ନୂତନ ବେକେରିୟୁନିଟ (Bakeri Unit) କୁ ଆଦିବାସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠି/ ପ୍ରଡ୍ୟୁସର ଗ୍ରୁପ / ଭି.ଡି.ଭି.କେ ମହିଳା ମଣ୍ଡଳି ମାଧ୍ୟମରେ ପରିଚାଳନା କରିବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । କେବଳ ଆଦିବାସୀ ଜାତିର ମହିଳା ମାନଙ୍କୁ ନେଇ ଗଠିତ ସ୍ୱୟଂ ସହାୟକ ଗୋଷ୍ଠି / ପ୍ରଡ୍ୟୁସର ଗ୍ରୁପ / ଭି.ଡି.ଭି.କେ ମହିଳା ମଣ୍ଡଳୀ ମାନେ ଏଇ ବିଜ୍ଞାପନ ସହ ସଂଲଗ୍ନ ଫର୍ମ ମାଧ୍ୟମରେ ଆବେଦନ କରିପାରିବେ ।

ଏହି ବିଜ୍ଞାପନ ପାଇଁ ଦରଖାସ୍ତ ଗୁଡିକ ଆସନ୍ତା ତା ୨୯.୧୦.୨୦୨୪ ରିଖ ସମୟ ଅପରାହ୍ନ ୫:୩୦ ମଧ୍ୟରେ ରେଜିଷ୍ଟ୍ରି ପୋଷ୍ଟ / ସ୍ପିଡପୋଷ୍ଟ / ସିଧାସଳଖ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବାରିପଦା କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଏହି ଦରଖାସ୍ତ ଗୁଡିକ ଯାଂଚ କମିଟିର ସଭ୍ୟାମାନଙ୍କ ଦ୍ୱାରା ଓ ଦରଖାସ୍ତକାରୀ ମାନଙ୍କ ଉପସ୍ଥିତିରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବାରିପଦା କାର୍ଯ୍ୟାଳୟରେ ଯାଂଚ ହବ ।

**ବିଜ୍ଞାପନର ସର୍ତ୍ତାବଳୀ**

୧. ଆଦିବାସୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀ/ ପ୍ରଡ୍ୟୁସର ଗ୍ରୁପ / ଭି.ଡି.ଭି.କେ ମହିଳା ମଣ୍ଡଳି ଗୁଡିକର ଗଠନ ଏଇ ବିଜ୍ଞାପନ ପ୍ରକାଶିତ ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବା ଆବଶ୍ୟକ । ଏହାର ସମସ୍ତ ମହିଳା ସଦସ୍ୟ ଆଦିବାସୀ ବର୍ଗର ହୋଇଥିବେ ।

୨. ମନନୋୟନ ସମୟରେ ପଛୁଆ ଜନଜାତି ଅଦିବାସୀ ଗୋଷ୍ଠି (PVTG) ବର୍ଗର ମହିଳା ସ୍ୱୟଂ ସହାୟକ ଗୋଷ୍ଠିକୁ ପ୍ରଥମ ଅଗ୍ରାଧିକାର ଦିଆଯିବ ।

୩. କୌଣସି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଦ୍ୱାରା ଯଦି ବେକରୀ ୟୁନିଟ ପରିଚାଳନା କରିବାରେ ପୂର୍ବ ଅଭିଜ୍ଞତା ଥିବ, ସେମାନେ ମନୋନୀତ ହେବା ପାଇଁ ଅଗ୍ରାଧିକାର ପାଇବେ ।

୪. ଦରଖାସ୍ତ ଆବେଦନ କରୁଥିବା ଆଦିବାସୀ ମହିଳା ସ୍ୱୟଂ ଗୋଷ୍ଠି / ପ୍ରଡ୍ୟୁସର ଗ୍ରୁପ / ଭି.ଡି.ଭି.କେ ମାନଙ୍କର ଗୋଷ୍ଠି ବ୍ୟାଙ୍କ ଜମାଖାତାରେ ଅନୁନ୍ୟ ଟ.୩,୦୦,୦୦୦/- (ତିନିଲକ୍ଷଟଙ୍କା) ର ଜମା ରାଶିଥିବା ଦରକାର ।

୫. ଆଦିବାସୀ ମହିଳା ସ୍ୱୟଂ ଗୋଷ୍ଠି / ପ୍ରଡ୍ୟୁସର ଗ୍ରୁପ / ଭି.ଡି.ଭି.କେ ମହିଳା ମଣ୍ଡଳି ମାନଙ୍କ ଦ୍ୱାରା ନିଶ୍ଚିତ ରୂପେ ପଂଚସୂତ୍ର ନିୟମ ପାଳନ କରୁଥିବେ । ଯଥା- (କ) ନଥିପତ୍ର ରଖିବା (ଖ) ନିୟମିତ ବ୍ୟାଙ୍କ ସଂଚୟ (ଗ) ନିୟମିତ ଆଲୋଚନା (ଘ) ସମୟ ଅନୁସାରେ ବ୍ୟାଙ୍କକୁ ପୈଠ (ଙ) ଆଭ୍ୟାନ୍ତରିଣ ଆଦାନ ପ୍ରଦାନ ।

୬. ମନୋନୀତ ଆଦିବାସୀ ମହିଳା ସ୍ୱୟଂ ଗୋଷ୍ଠି / ପ୍ରଡ୍ୟୁସର ଗ୍ରୁପ / ଭି.ଡି.ଭି.କେର ମହିଳା ଗୋଷ୍ଠି ଙ୍କୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବାରିପଦା ତରଫରୁ

ତକତପୁର ଠାରେ ବେକେରୀ ୟୁନିଟ ପରିଚାଳନା ନିମନ୍ତେ ଘର ଓ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦିଆଯିବ । ଉକ୍ତ ଘର ଓ ଏହାର ଯନ୍ତ୍ର ଗୁଡିକ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାରିପଦାଙ୍କ ସମ୍ପତ୍ତି ହୋଇ ରହିବ । ଭବିଷ୍ୟତରେ ପରିଚାଳନା କରୁଥିବା ଆଦିବାସୀ ମହିଳା ସ୍ୱୟଂ ଗୋଷ୍ଠି / ପ୍ରଡ୍ୟୁସର ଗ୍ରୁପ / ଭି.ଡି.ଭି.କେ ମହିଳା ଗୋଷ୍ଠି ଏହି ବେକେରୀ ୟୁନିଟ ବା ଏହାର ଆବାସ ପତ୍ର ଉପରେ ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ ।

୭. ବେକେରୀ ୟୁନିଟ ପାଇଁ ଆବଶ୍ୟକ ମାସିକ ବିଜୁଳି ବିଲ ଓ ପାଣି ବିଲ ଇତ୍ୟାଦି ପରିଚାଳନା କରିବା ଲାଗି ମନୋନୀତ ଆଦିବାସୀ ମହିଳା ସ୍ୱୟଂ ଗୋଷ୍ଠି / ପ୍ରଡ୍ୟୁସର ଗ୍ରୁପ / ଭି.ଡି.ଭି.କେ ମହିଳା ଗୋଷ୍ଠି ବହନ କରିବେ ।

୮. ଆବଶ୍ୟକ ଅନୁସାରେ ବେକେରୀ ୟୁନିଟରେ ନିୟୋଜିତ ଯନ୍ତ୍ରପାତିର ଗୁଡିକର ମରାମତି କରିବେ ଓ ତତ୍‌ଜନିତ ଖର୍ଚ୍ଚ ବାବଦକୁ ଅର୍ଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ବହନ କରିବେ ।

୯. ମୋନନୀତ ଆଦିବାସୀ ମହିଳା ସ୍ୱୟଂ ଗୋଷ୍ଠି / ପ୍ରଡ୍ୟୁସର ଗ୍ରୁପ / ଭି.ଡି.ଭି.କେ ନିଜ ପୁଞ୍ଜି ବିନିଯୋଗ କରି ନିଜ ଖର୍ଚ୍ଚରେ କଂଚାମାଲ କିଣିବେ ଓ ଆବଶ୍ୟକ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିବେ ।

୧୦. ଏକାଧିକ ଆଦିବାସୀ ମହିଳା ସ୍ୱୟଂ ଗୋଷ୍ଠି / ପ୍ରଡ୍ୟୁସର ଗ୍ରୁପ / ଭି.ଡି.ଭି.କେ ମନୋନିତ ହେଲେ ଲଟେରୀ ମାଧ୍ୟମରେ ଗୋଟିଏ ଗ୍ରୁପକୁ ମନୋନୟନ କରାଯିବ ।

୧୧. ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାରିପଦାଙ୍କ ଦ୍ୱାରା ଗଠିତ ମନୋନୟନ କମିଟି ସମସ୍ତ ଦରଖାସ୍ତ ଗୁଡିକୁ ଯାଂଚ କରିବେ ଓ ତନ୍ମଧ୍ୟରୁ ଯେ କୌଣସି ଏକ ଆଦିବାସୀ ମହିଳା ସ୍ୱୟଂ ଗୋଷ୍ଠି / ପ୍ରଡ୍ୟୁସର ଗ୍ରୁପ / ଭି.ଡି.ଭି.କେ କୁ ମନୋନୟନ କରିବେ । ମନୋନୟନ କ୍ଷେତ୍ରରେ କମିଟିଙ୍କ ନିଷ୍ପତ୍ତି ହିଁ ଶେଷ ନିଷ୍ପତ୍ତି ହେବ ।

୧୨. ଆବଶ୍ୟକ ସ୍ଥଳେ ବିନା କାରଣ ଦର୍ଶାଇ ଏହି ବିଜ୍ଞାପନ ରଦ୍ଦ କରିବା କ୍ଷମତା ନିମ୍ନ ସାକ୍ଷରକାରୀଙ୍କ ରହିବ ।

୧୩. ଇଛୁକ ମହିଳା ସ୍ୱୟଂ ସହାୟକ ଗୋଷ୍ଠିମାନେ ଏଇ ବିଜ୍ଞାପନ ସହ ସଂଲଗ୍ନ ଦରଖାସ୍ତ ଫର୍ମରେ ଦରଖାସ୍ତ କରିବେ ।

୧୪. ଦରଖାସ୍ତ ଫର୍ମ ସହ ନିଜ ଅନୁଷ୍ଠାନର ଗୋଷ୍ଠି ଆରମ୍ଭ ସମୟର Resulation Copy ସଂଲଗ୍ନ କରିବେ ।

୧୫. ଗ୍ରୁପ ପାଶବୁକରେ ତିନିଲକ୍ଷ ପୁଞ୍ଜି ଦର୍ଶାଉଥିବା ର ଜେରକ୍ସ କପି ଦରଖାସ୍ତରେ ସଂଲଗ୍ନ କରିବେ ।

୧୬. ପ୍ରତ୍ୟେକ ସଭ୍ୟଙ୍କ ଆଧାର କାର୍ଡ ଦରଖାସ୍ତ ସହ ସଂଲଗ୍ନ ହେବ ।

୧୭. ଦରଖାସ୍ତ ଫର୍ମରେ କଟାଛଟା ବା ଲେଖା ଉପରେ ବାରମ୍ବାର ମଡାଯାଇନଥିବା ଆବଶ୍ୟକ ।

ପ୍ରକଳ୍ପ ପ୍ରଶାସକ,
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,
ବାରିପଦା

# ଦରଖାସ୍ତ ଫର୍ମ

(କେବଳ ଆଦିବାସୀ ମହିଳା ସ୍ୱୟଂ ଗୋଷ୍ଠି / ପ୍ରତ୍ୟୁସର ଗ୍ରୁପ / ଭି.ଡି.ଭି.କେ ଙ୍କ ଅଂଶ ଗ୍ରହଣ ନିମନ୍ତେ ଦରଖାସ୍ତ ଫର୍ମ)

୧- ଆଦିବାସୀ ମହିଳା ସ୍ୱୟଂ ଗୋଷ୍ଠି / ପ୍ରତ୍ୟୁସର ଗ୍ରୁପ / ଭି.ଡି.ଭି.କେ ଙ୍କ ନାମ ଓ ସ୍ଥାୟୀ ଠିକଣା –

୨- ସଭାନେତ୍ରିଙ୍କ ନାମ ଓ ଠିକଣା –

୩- ସଭାନେତ୍ରିଙ୍କ ଶିକ୍ଷାଗତ ଯୋଗ୍ୟତା -

୪- ସମ୍ପାଦିକାଙ୍କ ନାମ ଓ ଠିକଣା –

୫- ସମ୍ପାଦିକାଙ୍କ ଶିକ୍ଷାଗତ ଯୋଗ୍ୟତା -

୬- ଅନ୍ୟାନ୍ୟ ସକ୍ରିୟ ସଭ୍ୟା ମାନଙ୍କର ନାମ ଓ ଶିକ୍ଷାଗତ ଯୋଗ୍ୟତା –

୭- ଆଦିବାସୀ ମହିଳା ସ୍ୱୟଂ ଗୋଷ୍ଠି / ପ୍ରତ୍ୟୁସର ଗ୍ରୁପ / ଭି.ଡି.ଭି.କେ ଗଠନ ହୋଇଥିବା ମୂଳ ତାରିଖ –

୮- ବର୍ତ୍ତମାନ ସ୍ୱୟଂ ସହାୟକ ଗୋଷ୍ଠି କଣ କଣ କାର୍ଯ୍ୟ ମାନ କରୁଛନ୍ତି, ତାହାର ବିବରଣୀ-

୯- ବର୍ତ୍ତମାନ ସ୍ୱୟଂ ସହାୟକ ମହିଳା ଗୋଷ୍ଠିର କେଉଁ କେଉଁ କାର୍ଯ୍ୟ କ୍ଷେତ୍ରରେ ଅଭିଜ୍ଞତା ମାନ ରହିଛି ?

୧୦- ଭବିଷ୍ୟତରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କର କେଉଁ କେଉଁ କାର୍ଯ୍ୟ କରିବାର ଲକ୍ଷ୍ୟ ଅଛି ?

୧୧- ଗୋଷ୍ଠି ବ୍ୟାଙ୍କ ଖାତାରେ ମୋଟ କେତେ ଟଙ୍କା ଜମା ରହିଛି –

୧୨- ଯଦି ମନୋନୀତ ହୁଅନ୍ତି, ତାହେଲେ ବିକେରୀ ୟୁନିଟ ପରିଚାଳନା ନିମନ୍ତେ ବର୍ତ୍ତମାନ ଯେଉଁ କାର୍ଯ୍ୟମାନ କରୁଛନ୍ତି ତାହା ବନ୍ଦ କରିଦେବେ ନା ସେଇ କାର୍ଯ୍ୟ ଜାରି ରଖିବେ ?

ଦରଖାସ୍ତ କାରୀଙ୍କ ଦସ୍ତଖତ

ସଭାନେତ୍ରି ଦସ୍ତଖତ

ସମ୍ପାଦିକା ଦସ୍ତଖତ

---

**ଦରଖାସ୍ତ ଫର୍ମ ସହ ସଂଲଗ୍ନ ଦସ୍ତାବିଜ ଗୁଡିକର ନାମ:**

(କ) ମହିଳା ଆଦିବାସୀ ମହିଳା ସ୍ୱୟଂ ଗୋଷ୍ଠି / ପ୍ରତ୍ୟୁସର ଗ୍ରୁପ / ଭି.ଡି.ଭି.କେ ଗୋଷ୍ଠି ଗଠନ ସମୟରେ ହୋଇଥିବା ଲିଖିତ Resulation ର Xerox କପି ।

(ଖ) ବ୍ୟାଙ୍କରେ ଜମାଥିବା ପାଂଚଲକ୍ଷଟଙ୍କା ଦର୍ଶାଉଥିବା ପାଶବୁକର ଜେରକ୍ସ କପି ସଂଲଗ୍ନ କରିବେ ।

(ଗ) ପ୍ରତ୍ୟେକ ସଦସ୍ୟା ମାନଙ୍କର ଆଧାର କାର୍ଡର ଜେରକ୍ସ ସଂଲଗ୍ନ କରିବେ ।